ପ୍ରେସ ନୋଟ

# ଅନୁଗୋଳରେ ଆନ୍ତର୍ଜାତୀୟ ମହିଳା ଦିବସ ପାଳିତ ।

ଅନୁଗୋଳ, ତା.୦୮.୦୩:- ଆନ୍ତର୍ଜାତୀୟ ମହିଳା ଦିବସ ୨୦୨୧ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷ ଠାରେ ଆଜି ପୂର୍ବାହ୍ନରେ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ ଶ୍ରୀ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଏହାକୁ ଆନୁଷ୍ଠାନିକ ଭାବେ ଉଦଘାଟନ କରିବା ସହିତ ମହିଳା ସଶକ୍ତିକରଣ ଦିଗରେ ଉଲ୍ଲେଖନୀୟ ଭୂମିକା ଗ୍ରହଣ କରିଥିବା ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ, ମହିଳା ଓ କନ୍ୟାରତ୍ନ ମାନଂକୁ ସମ୍ବର୍ଦ୍ଧିତ କରିଥିଲେ । ମହିଳା ମାନଙ୍କୁ ଅଧିକ ସଶକ୍ତ କରିବା ଉଦ୍ଦେଶ୍ୟରେ ରାଜ୍ୟ ସରକାର ମିଶନ ଶକ୍ତିକୁ ଏକ ସ୍ୱତନ୍ତ୍ର ବିଭାଗରେ ପରିଣତ କରିଛନ୍ତି । ପ୍ରକାଶଥାଉକି ମିଶନ ଶକ୍ତି ଏହା ପୂର୍ବରୁ ମହିଳା ଓ ଶିଶୁ ବିକାଶ ବିଭାଗରେ ଅଧିନରେ ଥିଲା । ଏହା ମହିଳା ମାନଂକ ପାଇଁ ଏକ ବଡ ସମ୍ମାନ ବୋଲି ଜିଲ୍ଲାପାଳ ପ୍ରକାଶ କରିଥିଲେ । ସମ୍ମାନୀତ ଅତିଥିଭାବେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ତପନ କୁମାର ଶତପଥି ଯୋଗ ଦେଇ ସାମାଜିକ,ଅର୍ଥନୈତିକ ,ରାଜନୈତିକ ଓ ଅନ୍ୟାନ୍ୟ କ୍ଷେତ୍ରରେ ଆଜି ମହିଳାମାନେ ତାଂକର ପାରଦର୍ଶୀତା ଦେଖାଇପାରିଛନ୍ତି । ମହିଳା ସ୍ୱୟଂ ସହାୟକ ଗୋଷ୍ଠୀମାନେ ଆଜି ନିଜେ ସ୍ୱାବଲମ୍ବୀ ହୋଇ ଦେଶ ତଥା ରାଜ୍ୟର ଅର୍ଥନୈତିକ ବିକାଶର କର୍ଣ୍ଣଧାର ସାଜିଛନ୍ତି ବୋଲି ସେ ପ୍ରକାଶ କରିଥିଲେ । ସ୍ଥାନୀୟ ଅଭିଯୋଗ କମିଟିର ଅଧ୍ୟକ୍ଷା ଶ୍ରମତୀ ଅର୍ଚ୍ଚନା ପଟ୍ଟନାୟକ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇ ମନୁ ସଂହିତାରେ ମହିଳାମାନଙ୍କୁ ଅମୂଲ୍ୟ ରତ୍ନଭାବେ ପ୍ରତିହିତ କରାଯାଇଛି ବୋଲି ପ୍ରକାଶ କରିଥିଲେ । ମହିଳାମାନେ ଶିକ୍ଷିତ ହେଲେ ତାଂକ ପାଇଁ ଉଦ୍ଦିଷ୍ଟ ଅଧିକାର ସମ୍ପର୍କରେ ଅବଗତ ହୋଇପାରିବେ ବୋଲି ସେ ପ୍ରକାଶ କରିଥିଲେ । ଆଜିର ଦିନରେ ମହିଳାମାନେ ଅନ୍ୟମାନଙ୍କ ଉପରେ ବୋଝ ହେବାକୁ ଚାହାନ୍ତିନାହିଁ ଓ ନିଜେ ଆର୍ଥିକ ଦୃଷ୍ଟିକୋଣରୁ ସମୃଦ୍ଧ ହୋଇ ପରିବାରକୁ ପ୍ରଗତିଶୀଳ କରୁଛନ୍ତି ବୋଲି ଅନ୍ୟତମ ସମ୍ମାନୀତ ଅତିଥି ଜେଏସପିଏଲ(ସି ଏସ ଆର)ଜି ଏମ୍ ପୁଷ୍ପଲତା ଶତପଥି ପ୍ରକାଶ କରିଛନ୍ତି । ଜିଲ୍ଲାର ମହିଳା ସଶକ୍ତିକରଣ ପାଇଁ କିଶୋରନଗର ଅଂଚଳର ବିଶ୍ୱ ମା ତାରିଣୀ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ, କଣିହାଁ ଅଂଚଳର ମା ତାରିଣୀ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ, ତାଳଚେର ଅଂଚଳର ମହିମା ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ, କଣିହାଁ ଅଂଚଳର ଅଂଗନୱାଡି କର୍ମୀ ସାଗରିକା ଭୋଇ, ପାଲଲହଡା ଅଂଚଳର ସୁପରଭାଇଜର ଲିଲି ଗାଗରାଇ,ଛେଣ୍ଡିପଦାର ସି ଡି ପି ଓ ସେବାଷ୍ଟିନା କୁଜୁର,

ଆଠମଲ୍ଲିକ ଅଂଚଳର କୈଶୋରୀ ବର୍ଷାରାଣୀ ସାହୁ, ଅନୁଗୋଳ ଅଂଚଳର କୈଶୋରୀ ଆଦ୍ୟାଶା ମହାପାତ୍ର,ବଅଁରପାଳ ଅଂଚଳର ପ୍ରିୟଦର୍ଶିନୀ ପରିଡା ପ୍ରମୁଖଙ୍କୁ ଏହି ଅବସରରେ ସମ୍ବର୍ଦ୍ଧିତ କରାଯାଇଥିଲା । ଜିଲ୍ଲା ସମାଜ ମଂଗଳ ଅଧିକାରିଣୀ ଆଲମା ବରୁଆ ସ୍ୱାଗତ ଭାଷଣ ଦେବା ସହିତ ଏହି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଓ ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ । ମିଶନ ଶକ୍ତିର ଜିଲ୍ଲା ପ୍ରକଳ୍ପ ସଂଯୋଜକ ଶ୍ରୀ ବସନ୍ତ କୁମାର ମଲ୍ଲିକ କାର୍ଯ୍ୟକ୍ରମ ପରିଚାଳନା କରି ଥିଲେ । ଅନ୍ୟମାନଂକ ମଧ୍ୟରେ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଶ୍ରୀ ଗୌରୀ ଶଂକର ବେହେରା, ମହିଳା ସୁରକ୍ଷା ଅଧିକାରିଣୀ ପୌର୍ଣ୍ଣମାସୀ ରଥ,ଅଂଗନୱାଡି କର୍ମୀ,ଆଶାକର୍ମୀ, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟା ଓ ଜିଲ୍ଲା ସ୍ତରୀୟ ଅଧିକାରୀମାନେ ଯୋଗ ଦେଇଥଲେ ।

ମହିଳାମାନଙ୍କୁ ସ୍ୱାବଲମ୍ବୀ କରିବା ଉଦ୍ଦେଶ୍ୟରେ ଆନ୍ତର୍ଜାତୀୟ ମହିଳା ଦିବସ ଅବସରରେ ଅନ୍ତୁଳିଆ ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ମା ବାଟବାୟାଣୀ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟା ପ୍ରଭାତୀ ପ୍ରଧାନ, ପୁରୁଣାକୋଟ ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ଅନ୍ନପୂର୍ଣ୍ଣା ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟା ଅନୁପମା ଦାସ ଓ କୁମୁରୁସିଂଗା ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ମା ସନ୍ତୋଷୀ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟା କବିତା ବିଶ୍ୱାଳଙ୍କୁ ଜିଲ୍ଲା ପ୍ରଶାସନ ତରଫରୁ ଆଜିବିକା ଗ୍ରାମୀଣ ଏକ୍ସପ୍ରେସ ଯୋଜନାରେ ଗୋଟିଏ ଲେଖାଏଁ ଅଟୋ ରିକ୍ସା ପ୍ରଦାନ କରାଯାଇଥିଲା । ନିଜେ ଆର୍ଥିକ ସ୍ୱଚ୍ଛଳ ହେବା ସହ ଗାଁର ବିକାଶରେ ନିଜକୁ ସାମିଲ କରିବାକୁ ପରାମର୍ଶ ଦେବା ସହ ଅଟୋ ରିକ୍ସା ଗୁଡିକର ଚାବିକାଠିକୁ ଜିଲ୍ଲାପାଳ ଏବଂ ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଶ୍ରୀ ଦିଲ୍ଲିପ କୁମାର ସାହୁ ମହିଳା ମାନଂକୁ ପ୍ରଦାନ କରିଥିଲେ ।

ଆଠମଲ୍ଲିକ ନଗଁଆ ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ ଠାରେ ଏକ ସିଲେଇ ତାଲିମ କେନ୍ଦ୍ରର ଶୁଭାରମ୍ଭ ଆଠମଲ୍ଲିକ ପଞ୍ଚାୟତସମିତି ପକ୍ଷରୁ କରାଯାଇଛି । ଏହି କେନ୍ଦ୍ରର ନାମ ସ୍ୱଧାର ରଖାଯାଇଛି । ପ୍ରଥମ ପର୍ଯ୍ୟାୟରେ ଏହି କେନ୍ଦ୍ରରେ ୧୯ଜଣ ମହିଳା ତାଲିମ ନେବେ ବୋଲି ଆଠମଲ୍ଲିକ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶ୍ରୀ ସଂଜୟ କୁମାର ଆଚାର୍ଯ୍ୟ ପ୍ରକାଶ କରିଛନ୍ତି ।


PIAGGIO


ଆନ୍ତର୍ଜାତୀୟ ମହିଳା ଦିବସ, ମାର୍ଚ୍ଚ- ୨୦୨୧
INTERNATIONAL WOMEN'S DAY, 8 MARCH-2021
ACHIEVING AN EQUAL FUTURE IN A COVID-19 WORLD
ADMINISTRATION, ANGUL




WOMEN'S


ଶକ୍ତି
ଆନ୍ତର୍ଜାତୀୟ ମହିଳା ଦିବସ, ମାର୍ଚ୍ଚ- ୨୦୨୧
INTERNATIONAL WOMEN'S DAY, 8 MARCH-2021